ଧରିତ୍ରୀ
DHARITRI
July 5-11, 2020 ₹2/-

# ଛୁଟିଦିନ



# ଖିଆଲି ରାଜା

୩


ପ୍ରଚ୍ଛଦ ପ୍ରସଙ୍ଗ

ପୃଥିବୀ ଇତିହାସରେ ଅନେକ ସ୍ୱେଚ୍ଛାଚାରୀ ଶାସକଙ୍କ କାହାଣୀ ରହିଛି, ଯାହା ଆମମାନଙ୍କୁ ଅଜବ ଗଜବ ତଥା ଉପହାସ ପରି ଲାଗେ ସତ; ହେଲେ ତାହା ହିଁ ସେମାନଙ୍କୁ ଅନ୍ୟମାନଙ୍କଠୁ ଅଲଗା କରି ଗଢ଼ି ତୋଳିଥାଏ। ଆଉ ସେମାନଙ୍କ ମୁଣ୍ଡରେ ପିନ୍ଧେଇ ଦେଇଥାଏ ଜଣେଜଣେ 'ଖିଆଲି ରାଜା'ର ମୁକୁଟ...




ସିନେମା


୫



# ଗିଟାର ମୂଲ୍ୟରେ କିଣି ହେବ ଛୋଟ ଉଡାଜାହାଜ



ପୃଥିବୀରେ ଏମିତି ଅନେକ ମହଙ୍ଗା ଜିନିଷ ଅଛି, ଯାହାର ମୂଲ୍ୟ ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ। ସେମିତି ଏକ ଦାମୀ ଜିନିଷ ହେଉଛି ଏକ ଗିଟାର୍। ଏହାର ଦାମ୍ ଏତେ ଯେ, ସେତିକି ମୂଲ୍ୟରେ ୨-୩ଟି ଛୋଟ ଉଡାଜାହାଜ କିଣି ହେବ। ଗିଟାରଟି ହେଉଛି ଆମେରିକୀୟ ଗାୟକ ତଥା ପୃଥିବୀର ପ୍ରସିଦ୍ଧ ଗିଟାରବାଦକ କର୍ଟ କୋବେନଙ୍କର। ୧୯୯୪ ଏପ୍ରିଲ ୫ରେ କୋବେନଙ୍କର ମୃତ୍ୟୁ ହୋଇଥିଲା। ନିକଟରେ ତାଙ୍କ ଗିଟାରକୁ ନିଲାମ କରାଯାଇଥିଲା। ଗିଟାରଟି ୪୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱରେ ନିଲାମ ହେଲା। ଫଳରେ ଏହା ପୃଥିବୀର ସବୁଠାରୁ ମହଙ୍ଗା ଗିଟାର ପାଲଟିଗଲା। ଏହାକୁ ଅଷ୍ଟ୍ରେଲିଆର ରୋଡ୍ସ ମାଇକ୍ରୋଫୋନ୍ କମ୍ପାନୀର ମାଲିକ ପିଟର ଫ୍ରିଡମ୍ୟାନ କିଣିଥିଲେ। ଗଣମାଧ୍ୟମର ରିପୋର୍ଟ ମୁତାବକ କୋବେନ୍ ଏହି ଗିଟାରକୁ ମାତ୍ର ୫ ଡଲାରରେ କିଣିଥିଲେ। ପରେ ସେ ଏଥିରେ କିଛି ପରିବର୍ତ୍ତନ ଆଣିଥିଲେ। କାରଣ ସେ ବାମ ହାତରେ ଗିଟାର ବଜାନ୍ତି। କୁହାଯାଏ କୋବେନ୍‌ଙ୍କର ଏହି ମଡେଲର ଗିଟାର ପୃଥିବୀରେ ମାତ୍ର ୩୦୨ଟି ମହଜୁଦ ଅଛି।



## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର | ଜୁଲାଇ ୫-୧୧

**ମେଷ:** ଶାରୀରିକ ସୁସ୍ଥତା, ନୂତନ ପ୍ରକଳ୍ପାରମ୍ଭ, ଗବେଷଣାରେ ସଫଳତା, ବିଦେଶ ଯାତ୍ରା, ରାଜନୈତିକ ବିବାଦ, ପ୍ରଶାସନିକ ଅସ୍ଥିରତା, ପବ୍ଲିକେଶନରେ ସମସ୍ୟା, ଜମିଜମା କାରବାର, ମନୋରଞ୍ଜନ, ଆତ୍ମୀୟଙ୍କ ଅସହଯୋଗ।

**ବୃଷ:** ସ୍ୱାସ୍ଥ୍ୟ ସମସ୍ୟା, କର୍ମାରମ୍ଭରେ ବାଧା, ଆର୍ଥିକ ଉନ୍ନତି, ବୈଷୟିକ ସୁଖ ସମୃଦ୍ଧି, ପରିବହନରେ ଝଗଡା, ବାଣିଜ୍ୟରେ ପ୍ରତିବନ୍ଧକ, ମିଥ୍ୟାଭିଯୋଗ, ରଚନାତ୍ମକ କାର୍ଯ୍ୟାରମ୍ଭ, ଲକ୍ଷ୍ୟପୂରଣ।

**ମିଥୁନ:** ସାମାଜିକ ପ୍ରତିଷ୍ଠା, ଗୃହାରମ୍ଭ, ଯାନବାହନାଦି ଲାଭ, ନୂତନ ବନ୍ଧୁତ୍ୱ, ବସ୍ତ୍ର ଭୂଷଣାଦି କ୍ରୟ, ସମସ୍ୟା ସମାଧାନ, କଳାରେ ଉତ୍କର୍ଷତା, ସାହିତ୍ୟାନୁରାଗ, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ, କର୍ମକ୍ଷେତ୍ରରେ ସୁନାମ।

**କର୍କଟ:** ମାନସିକ ଅସ୍ଥିରତା, କାର୍ଯ୍ୟାରମ୍ଭରେ ବିଶୃଙ୍ଖଳା, ଅର୍ଥନୈତିକ ଅପରାଧ, ନୂତନ ଉଦ୍ୟୋଗ, ସାହାଯ୍ୟ ସହଯୋଗ, ବାକ୍ ଅସଂଯମତା, ସୁସମ୍ପର୍କ ବ୍ୟାହତ, ସଂସ୍କୃତି ବ୍ୟବସାୟ, ଭ୍ରାତୃ ସମ୍ପର୍କରେ ଉନ୍ନତି, ପାରିବାରିକ ଶାନ୍ତି।

**ସିଂହ:** ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ, ଆନୁଷ୍ଠାନିକ କାମ, ପ୍ରଶାସନିକ ସଫଳତା, ମିଥ୍ୟା ଅଭିଯୋଗ, ଶିଳ୍ପର ଅଭିବୃଦ୍ଧି, ଶେୟାର ବଜାରରେ ନିମ୍ନାଙ୍କ, ବୈବାହିକ ସମସ୍ୟା, ସହକର୍ମୀଙ୍କ ଦୌରାତ୍ମ୍ୟ।

**କନ୍ୟା:** ମାନବିକ ମୂଲ୍ୟବୋଧ, ଶିକ୍ଷାରେ ଉନ୍ନତି, ସାହିତ୍ୟ କୃତିରୁ ପ୍ରଶଂସା, ଗବେଷଣାରେ ପ୍ରତିବନ୍ଧକ, ବିଦେଶଯାତ୍ରାର ସୁଯୋଗ, ଅର୍ଥନୈତିକ ସଂସ୍କାର, କୂଟନୈତିକ ସଫଳତା।

**ତୁଳା:** କର୍ମଜଞ୍ଜାଳ, ଆରୋଗ୍ୟ ଲାଭ, ନୂତନ ମୈତ୍ରୀ, ମନୋରଞ୍ଜନର ମଉକା, ଯାନ୍ତ୍ରିକ ଜିନିଷ କ୍ରୟ, ରଚନାତ୍ମକ କାର୍ଯ୍ୟ, ସଭା ସମିତିକୁ ନିମନ୍ତ୍ରଣ, ଆନୁଷ୍ଠାନିକ କାମ, ବାଣିଜ୍ୟରେ ସମସ୍ୟା, ଜମିଜମା କାରବାର, ଦୂରଯାତ୍ରା।

**ବିଛା:** ପାରିବାରିକ ଅସ୍ଥିରତା, ମାନସିକ ଦୁଶ୍ଚିନ୍ତା, ଶାରୀରିକ ସୁସ୍ଥତା, ଅଧ୍ୟୟନଙ୍କ ଅନୁରକ୍ତି, ବୈପ୍ଳବିକ ଚିନ୍ତାଧାରା, ବ୍ୟବସାୟିକ ଉନ୍ନତି, ବୟନ ଶିଳ୍ପର ଅଭିବୃଦ୍ଧି, ପୁଟିଙ୍ଗ୍ କାରବାରରୁ ଲାଭ, ପ୍ରତିଯୋଗିତାରେ ସଫଳତା।

**ଧନୁ:** ଶାରୀରିକ ଅସୁସ୍ଥତା, ଅର୍ଥନୈତିକ ଅବରୋଧ, ଭିଜିଲାନ୍ସ ଧରପଗଡ, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଚିନ୍ତା, ସାମାଜିକ ପ୍ରତିଷ୍ଠା, ସାଂଗଠନିକ ତତ୍ପରତା, କଳାରୁ ପ୍ରଶଂସା, ସାହିତ୍ୟାନୁରାଗ, ସଙ୍ଗୀତ ଆସର।

**ମକର:** ପଦୋନ୍ନତିର ସୂଚନା, ଅର୍ଥର ପ୍ରାଚୁର୍ଯ୍ୟ, ବିବାଦରେ ବିଜୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ନୂତନ ଯୋଜନାରମ୍ଭ, ସଭା ସମିତିକୁ ନିମନ୍ତ୍ରଣ, ଦୂରଯାତ୍ରାର ପ୍ରସ୍ତୁତି, ପ୍ରକାଶନରେ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ, ଋଣ ପରିଶୋଧ।

**କୁମ୍ଭ:** ବିବାଦର ଫଇସଲା, ଆର୍ଥିକ ପ୍ରଗତି, ନୂତନ ଗୃହାରମ୍ଭ, ଜମିଜମା ବିବାଦ, ବ୍ୟବସାୟିକ ଉତ୍କର୍ଷ, ସରକାରୀ ସହାୟତା, ପରୀକ୍ଷାରେ ସଫଳତା, ଗବେଷଣାରେ ଅଗ୍ରଗତି, ପ୍ରଶାସନିକ ତତ୍ପରତା, ପାରିବାରିକ ଶାନ୍ତି।

**ମୀନ:** ଆର୍ଥିକ ଉନ୍ନତି, ପରୋକ୍ଷ ଶତ୍ରୁତା, ସ୍ୱାସ୍ଥ୍ୟରେ ଉନ୍ନତି, ଗୁରୁଜନଙ୍କ ପରାମର୍ଶ, ଖର୍ଚ୍ଚଭାର ବୃଦ୍ଧି, ନୂତନ ବନ୍ଧୁ ସମ୍ପର୍କ, ନିର୍ମାଣରେ ଦ୍ୱନ୍ଦ୍ୱ, ଶିଳ୍ପର ଅଭିବୃଦ୍ଧି, କ୍ରୀଡା ନୈପୁଣ୍ୟତା, ଚଳଚ୍ଚିତ୍ରରେ ସମସ୍ୟା, ସମ୍ମାନଜନକ ସ୍ଥିତି।

# ପେଣ୍ଟ୍ କଲା ଭଳି ଲାଗେ ଏହି ମାଛ

ଆକ୍ୱାରିୟମ୍‌ରେ ଅନେକ ରଙ୍ଗିନ ମାଛ ଦେଖିଥିବେ। ହେଲେ ଏ ହେଉଛି ଏଭଳି ଏକ ରଙ୍ଗିନ ମାଛ, ଯାହା ଲାଗେ ସମ୍ପୂର୍ଣ୍ଣ ଅବାସ୍ତବ। ଲାଗେ ସତେ ଯେମିତି କେହି ଏହି ମାଛକୁ ବିଭିନ୍ନ ରଙ୍ଗରେ ପେଣ୍ଟ୍ କରିଛି। ଏହି ମାଛର ଫଟୋକୁ ଦେଖି ଅନେକେ ତ କହନ୍ତି ଏହା ଅବତାର ଚଳଚ୍ଚିତ୍ରର ଏକ ଚରିତ୍ର ଭଳି ଲାଗୁଛି। ଆଉ କେହି କହନ୍ତି ଏହାକୁ ଫଟୋଶପ୍‌ରେ ଏଡିଟ୍ କରାଯାଇଛି। ଜାପାନରେ ଏହାକୁ 'କିନୁବେଲା' କହନ୍ତି।



ଆଉ ୱେଷ୍ଟର୍ନ କଣ୍ଟ୍ରିରେ ଏହାକୁ 'ସର୍ଜ ରେସ୍' କହନ୍ତି। ଆଟଲାଣ୍ଟିକ, ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରରେ ଏହି ମାଛ ଦେଖିବାକୁ ମିଳନ୍ତି।

# ପାଠକୀୟ

■ ଗତ ସପ୍ତାହରେ ସ୍ଥାନିତ ପ୍ରଚ୍ଛଦ ପ୍ରସଙ୍ଗ 'ମନ୍ଦିର ବେଢ଼ାରେ ରଥଯାତ୍ରା' ପାଠକରି ଇତିହାସରେ କେତେଥର ରଥଯାତ୍ରା ମନ୍ଦିର ବେଢାରେ ହୋଇଛି ଜାଣିବାକୁ ମିଳିଲା। ପିତୃ ଦିବସରେ ବାପାଙ୍କୁ ନେଇ ଗଳ୍ପ ଓ କବିତା ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

– *ଗୁଲୁ ରାଉତ, ବାହାବଳପୁର, ସୁକିନ୍ଦା, ଯାଜପୁର*

■ ଉଭୟ ରଥଯାତ୍ରା ଓ ପିତୃ ଦିବସ ପାଇଁ ଉଦ୍ଦିଷ୍ଟ ଏହି ସଂଖ୍ୟା ମନକୁ ଛୁଇଁଗଲା। ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ଶିକ୍ଷଣୀୟ ଥିଲା। 'କୁହୁଳା ଭିତରେ ବାପା' ଗପଟି ପଢ଼ି ଆଖି ଲୁହରେ ଭିଜିଗଲା। ତେବେ ହାଃ ହାଃ ବେଶ୍ ମଜାଦାର ଥିଲା।

–*ଶାନ୍ତିଲତା ମହାପାତ୍ର, ଜଗତ୍‌ସିଂହପୁର*

■ ରାଶିଫଳ ପୃଷ୍ଠାଟି ମୁଁ ନିଶ୍ଚୟ ଦେଖେ। ମୋ ରାଶିରେ କ'ଣ ଅଛି ପଢ଼େ। ସିନେମା, ବ୍ୟାକ୍‌ପେଜ୍ ବି ମୋର ପ୍ରିୟ। ତେବେ ଛୁଟିଦିନ କେବେ ପୁଣିଥରେ ପୁରୁଣା ରୂପରେ ଅର୍ଥାତ୍ ୧୬ ପୃଷ୍ଠାରେ ଆସିବ ଅପେକ୍ଷାରେ ରହିଲୁ।

–*ସୋନମ ମହାନ୍ତି, ଚୌଦ୍ୱାର, କଟକ*

■ 'ଇଏ ବି ବାପା' ବିଷୟଟି ଉଚ୍ଚକୋଟୀର ଥିଲା। ଆଜି ବି ଏଭଳି ମଣିଷ ଥିବାରୁ ଦୁନିଆ ଚାଲିଛି। ନିଷ୍ପାପ ଛୁଆଟିକୁ କୋଳେଇ ଯୁବକ ଜଣକ ଯେଉଁ ମହାନ କାମ କରିଛନ୍ତି, ତାହା ଅନ୍ୟ ପାଇଁ ଉଦାହରଣ। ସିନେମା ପୃଷ୍ଠାରେ ଚକୋଲେଟ୍ ପ୍ରିୟ ପ୍ରୟଙ୍କା, ସ୍ୱେଶାଲ ବାର୍ଥ ଡେ' ଆଦି ବିଷୟ ଭଲ ଲାଗିଲା।

– *ଚିତ୍ରା କର, ପାତ୍ରପଡା, ଭୁବନେଶ୍ୱର*

■ ପ୍ରଚ୍ଛଦ ପ୍ରସଙ୍ଗ 'ମନ୍ଦିର ବେଢ଼ାରେ ରଥଯାତ୍ରା' ବହୁତ ଭଲ ଲାଗିଲା। ପିତୃଦିବସ ପାଇଁ ଉଦ୍ଦିଷ୍ଟ ଗପଗୁଡ଼ିକ ମନଛୁଆଁ ହୋଇଥିଲା। କାର୍ଟୁନ କର୍ନର ମଜାଦାର ଥିଲା।

– *ଗୋପାଳକୃଷ୍ଣ ମହାକୁଡ, ବୁର୍ଲା*

■ ରଥଯାତ୍ରାର ଏହି ସଂଖ୍ୟାଟି ବହୁତ ଭଲ ଲାଗିଲା। ମଡେଲ ମିରଗ୍ରେ ଆହାନା ବେଶ୍ ସୁନ୍ଦରୀ ଲାଗୁଥିଲେ। କାର୍ଟୁନ କର୍ନର ମଜାଦାର ଥିଲା। ଗପ କବିତା ହୃଦୟସ୍ପର୍ଶୀ ହୋଇପାରିଥିଲା।

– *ମନୋଜ ସ୍ୱାଇଁ, ଚରମ୍ପା, ଭଦ୍ରକ*

■ ବିବିଧା,ବ୍ୟାକ୍‌ପେଜ୍, ସୃଜନ ପୃଷ୍ଠା ମୋର ବହୁତ ପ୍ରିୟ। ଏଥରର ପ୍ରଚ୍ଛଦ ପ୍ରସଙ୍ଗ ଉଚ୍ଚକୋଟୀର ଥିଲା। ଇଏ ବି ବାପା ବିଷୟଟି ମନକୁ ଛୁଇଁଗଲା। ଧନୀ ପେଣ୍ଟର୍ ମୂଷା ପାଠଟି ମଜାଦାର ଥିଲା।

–*ଗୌରୀ ପ୍ରସାଦ ପଣ୍ଡା, ଆଠଗଡ଼, କଟକ*

■ ଛୁଟିଦିନର ଅନ୍ୟସବୁ ପୃଷ୍ଠାକୁ ଆମେ ବହୁତ ମନେ ପକାଉଛୁ। କେବେ ସେସବୁ ପୃଷ୍ଠାକୁ ପଢ଼ିବାର ସୁଯୋଗ ପୁଣିଥରେ ମିଳିବ ଅପେକ୍ଷା କରିଛୁ। ତେବେ ଏଥରର ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ଉଚ୍ଚକୋଟୀର ଥିଲା।

–*ଚିନ୍ମୟୀ ଦାସ, ପୁରୀ*

## ବିଶେଷ ଚିଠି



ହେ ଧରିତ୍ରୀ ଛୁଟିଦିନ,
ତୁମର ରଙ୍ଗରେ ସବୁ ରବିବାର
ରଙ୍ଗିନ ହୁଏ ମୋର ମନ।
ପ୍ରଚ୍ଛଦ ପ୍ରସଙ୍ଗ, ବିବିଧାର ରଙ୍ଗ,
କେତେ କଥା କହେ ସିନେମା ପ୍ରସଙ୍ଗ ।
ହା ହା ଓ କାର୍ଟୁନ କର୍ନର୍ ,
ହସ ଭରିଦିଏ ଓଠେ ସଭିଙ୍କର ।
ପ୍ରଭୁ ଜଗନ୍ନାଥ ହୁଅନ୍ତୁ ସହାୟ
ସୁଖେ ବିତିଯାଉ ତୁମର ଜୀବନ
ହେ ଧରିତ୍ରୀ ଛୁଟିଦିନ...।

**–ସଂଗ୍ରାମ କେଶରୀ ସାହୁ**
**ଧୂଆଁମଡ଼ା, ଗଣିଆ, ନୟାଗଡ଼**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଖିଆଲି ରାଜା

ପୃଥିବୀ ଇତିହାସରେ ବହୁ ସ୍ୱେଚ୍ଛାଚାରୀ ଶାସକଙ୍କ ସମ୍ବନ୍ଧରେ ଉଲ୍ଲେଖ ରହିଛି। ସେମାନେ ସବୁବେଳେ ନିଜକୁ ଅଲଗା କରି ଦେଖେଇବାର ପ୍ରଚେଷ୍ଟାରେ ଥାଆନ୍ତି। ଏଭଳି କିଛି କାମ କରନ୍ତି ଯାହା ଆମମାନଙ୍କୁ ଅଜବ ଗଜବ ତଥା ଉପହାସ ପରି ଲାଗେ ସତ ; ହେଲେ ତାହା ହିଁ ସେମାନଙ୍କୁ ଅନ୍ୟମାନଙ୍କଠୁ ଅଲଗା କରି ଗଢ଼ି ତୋଳିଥାଏ ଆଉ ସେମାନଙ୍କ ମୁଣ୍ଡରେ ପିନ୍ଧେଇ ଦେଇଥାଏ ଜଣେଜଣେ 'ଖିଆଲି ରାଜା'ର ମୁକୁଟ।

**କଲିଗୁଲା :** ରୋମ୍‌ର ଜଣେ ପ୍ରସିଦ୍ଧ ଶାସକ ଥିଲେ କଲିଗୁଲା। ବିଶ୍ୱ ଇତିହାସର ସ୍ୱେଚ୍ଛାଚାରୀ ଶାସକଙ୍କ ତାଲିକା ପ୍ରସ୍ତୁତ କରାଗଲେ ତାଙ୍କ ନାମ ଆଗରେ ରହେ। ୩୭ରୁ ୪୧ ଖ୍ରୀଷ୍ଟାବ୍ଦ ମଧ୍ୟରେ ସେ ରୋମ୍‌ରେ ଶାସନ କରିଥିବା ଜଣାଯାଏ। କଲିଗୁଲାଙ୍କର ଏକ ଅଜବ ସୌକ୍ ଥିଲା ଘୋଡ଼ା ପାଳିବା। କୁହାଯାଏ ତାଙ୍କର ସବୁଠୁ ପ୍ରିୟ ଘୋଡ଼ା ପାଇଁ ସେ ଗୋଟିଏ ସ୍ୱତନ୍ତ୍ର ଘୋଡ଼ାଶାଳ ତିଆରି କରିଥିଲେ। ଆଉ ସେଠାରେ ସୈନିକମାନଙ୍କୁ ଘୋଡ଼ାର ଦେଖାରଖାର ଦାୟିତ୍ୱ ଦେଇଥିଲେ। ଘୋଡ଼ା ଯେଉଁ ପାତ୍ରରେ ସୁରାପାନ କରୁଥିଲା ତାହା ଥିଲା ଏକ ସୁନାର ପାତ୍ର। କଲିଗୁଲା ଏକ ଅଜବ ଖିଆଲର ଶିକାର ଥିଲେ। ସେ ନିଜକୁ ଦେବତା ବୋଲି ଭାବୁଥିଲେ ଓ ଲୋକମାନେ ତାଙ୍କୁ ଦେବତା ବୋଲି ବିବେଚନା କରନ୍ତୁ ବୋଲି ବାଧ୍ୟ କରୁଥିଲେ। ସେ କେତେବେଳେ ନିଜକୁ ହରକ୍ୟୁଲସ ବୋଲି ଭାବୁଥିଲେ ତ ଆଉ କେତେବେଳେ ନିଜକୁ ଆପୋଲୋ, ଭେନସ ବେଶରେ ସଜେଇ ନଗର ଭ୍ରମଣରେ ବାହାରୁଥିଲେ। ସେ ନିଜେ ତାଙ୍କ ନାମରେ ଦୁଇଟି ମନ୍ଦିର ତୋଳାଇ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପିତ କରିଥିଲେ ଓ ପୂଜାର୍ଚ୍ଚନାର ବନ୍ଦୋବସ୍ତ କରିଥିଲେ।

**ନିୟାଜୋଭ୍:** ତୁର୍କମେନିସ୍ତାନର ରାଷ୍ଟ୍ରପତି ନିୟାଜୋଭ୍। ସେ ଜଣେ ଅଦ୍ଭୁତ ସ୍ୱେଚ୍ଛାଚାରୀ ଶାସକ ଥିଲେ। ସେ ସବୁବେଳେ ନିଜକୁ ଅନ୍ୟଠାରୁ ଅଲଗା ଦେଖାଇବାକୁ ଚାହୁଁଥିଲେ। ତାଙ୍କର ଅନେକ ଅଜବ ଖିଆଲ ଥିଲା। ପୂର୍ବରୁ ପ୍ରଚଳିତ ଥିବା ମାସ ତଥା ବାରର ନାମକୁ ସେ ମାନିନେବା ପାଇଁ ପ୍ରସ୍ତୁତ ନଥିଲେ। ସେଥିଲାଗି ସେ ପ୍ରଥମେ ମାସ ତଥା ବାରଗୁଡ଼ିକର ନାମକୁ ବଦଳେଇ ଦେଇଥିଲେ। ସେସବୁକୁ ନିଜ ନାମ ଅନୁସାରେ ପୁନଃ ନାମକରଣ କରିଥିଲେ। ନିୟାଜୋଭ୍ ନିଜର ଏକ ଆତ୍ମଜୀବନୀ ରଚନା କରିଥିଲେ। ସେହି ଆତ୍ମଜୀବନୀକୁ ସେ ସ୍କୁଲଠାରୁ କଲେଜ ପର୍ଯ୍ୟନ୍ତ ସବୁଠି ବାଧ୍ୟତାମୂଳକ ପାଠ୍ୟକ୍ରମ ଭାବରେ ପ୍ରଚଳନ କରିଥିଲେ। ସେତିକି ନୁହେଁ, ସରକାରୀ ଓ ବେସରକାରୀ ସ୍ତରରେ ଯେଉଁଠି ବି ଚାକିରି ପାଇଁ ଇଣ୍ଟରଭିୟୁ ହେଉଥିଲା ସେଠାରେ ପ୍ରାର୍ଥୀମାନଙ୍କୁ ଅନ୍ୟ କୌଣସି ପ୍ରଶ୍ନ ପଚରା ଯାଉ ନଥିଲା। ସେ କଡ଼ାକଡ଼ି ଭାବରେ ନିର୍ଦ୍ଦେଶ ଦେଇଥିଲେ ଯେ, ତାଙ୍କ ଆତ୍ମଜୀବନୀରେ ଯାହା ସବୁ ଲେଖାହୋଇଛି ସେସବୁକୁ ନେଇ ପ୍ରଶ୍ନ ତିଆରି କରାଯିବ ଓ ପ୍ରାର୍ଥୀମାନଙ୍କୁ ସେହି ପ୍ରଶ୍ନର ଉତ୍ତର ଲେଖିବାକୁ କୁହାଯିବ। ସେ ଆଉ ଏକ ଅତି ଅଦ୍ଭୁତ କାଣ୍ଡ ଘଟେଇଥିଲେ। ସେ କେବଳ ରାଜଧାନୀ ସହରକୁ ଛାଡ଼ି ଗ୍ରାମାଞ୍ଚଳ ତଥା ଅନ୍ୟାନ୍ୟ ସ୍ଥାନରେ ଥିବା ସମସ୍ତ ଡାକ୍ତରଖାନା ଓ ସ୍ୱାସ୍ଥ୍ୟକେନ୍ଦ୍ର ସବୁକୁ ବନ୍ଦ କରିଦେଇଥିଲେ। ଘୋଷଣା କରିଥିଲେ ଯେ, ଯିଏ ଯେଉଁଠି ବି ଅସୁସ୍ଥ ହୁଅନ୍ତୁନା କାହିଁକି ଯଦି ବଞ୍ଚିବାର ଆଶା ଥାଏ ତା'ହେଲେ ସେମାନଙ୍କୁ ରାଜଧାନୀରେ ଥିବା ହସ୍ପିଟାଲକୁ ଆସିବା ପାଇଁ ପଡ଼ିବ। ସତରେ ଇତିହାସରେ ନିୟାଜୋଭ୍‌ଙ୍କ ଭଳି ଜଣେ ଅଜବ ଖିଆଲର ସ୍ୱେଚ୍ଛାଚାରୀଙ୍କୁ ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ।

**ଫ୍ରାଙ୍କୋଇସ୍ ଡୁବେଲିଅର :** ଫ୍ରାଙ୍କୋଇସ୍ ଡୁବେଲିଅରଙ୍କୁ 'ପାପା ଡକ୍' ବୋଲି ସମ୍ବୋଧନ କରାଯାଇଥାଏ। ୧୯୫୭ରୁ ୧୯୭୧ ମଧ୍ୟରେ ସେ ହାଇତିର ରାଷ୍ଟ୍ରପତି ପଦବୀ ନିର୍ବାହ କରିଥିଲେ। ଇତିହାସରେ ଡୁବେଲିଅରଙ୍କୁ ମଧ୍ୟ ଜଣେ ଏକଚ୍ଛତ୍ରବାଦୀ ଶାସକ ଭାବରେ ବିଚାର କରାଯାଏ। ସେ ଏକଦଳୀୟ ରାଜନୀତିରେ ବିଶ୍ୱାସ କରୁଥିଲେ। ତାଙ୍କ ଭିତରେ ତୀବ୍ର ଧର୍ମାନ୍ଧତା ଭରି ରହିଥିଲା। ପ୍ରଥମ କଥା ହେଲା, ସେ ନିଜକୁ ଜଣେ ସାଧାରଣ ମଣିଷ ବୋଲି ଭାବୁ ନଥିଲେ। ତାଙ୍କୁ ଲାଗୁଥିଲା ସେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ। ଦିନେ ତାଙ୍କର ଦୃଢ଼ ବିଶ୍ୱାସ ହୋଇଗଲା ଯେ, ସେ ହେଉଛନ୍ତି କୌଣସି ଏକ ଦିବ୍ୟ ଆତ୍ମାଙ୍କର ଅବତାର। ହାଇତି ସମାଜକୁ ଉଦ୍ଧାର କରିବା ପାଇଁ ତାଙ୍କର ଅବତାର ହୋଇଛି। ପ୍ରତି ମାସର ୨୨ ତାରିଖକୁ ନେଇ ତାଙ୍କ ଭିତରେ ଏକ ଅଜବ ଚିନ୍ତାଧାରା ରହିଥିଲା। ସେ ଭାବୁଥିଲେ, ପ୍ରତି ମାସର ୨୨ ତାରିଖ ଦିନ ତାଙ୍କ ଭିତରକୁ ଆତ୍ମାମାନେ ପ୍ରବେଶ କରନ୍ତି। ଅନ୍ୟଦିନଗୁଡ଼ିକଠାରୁ ସେହି ଗୋଟିଏ ଦିନ ସେ ବେଶି କାମ କରିବା ପାଇଁ ରଖିଥାନ୍ତି। ସ୍ୱେଚ୍ଛାଚାରୀ ଶାସକ 'ପାପା ଡକ୍' ଓରଫ୍ ଡୁବେଲିଅରଙ୍କୁ ନେଇ ଅନେକ ଘୋଷଣାନାମା ପ୍ରକାଶିତ ହୋଇଥିଲା। ସେଥିରେ ତାଙ୍କୁ ଯିଶୁଖ୍ରୀଷ୍ଟ ଏବଂ ସ୍ୱୟଂ ଈଶ୍ୱରଙ୍କ ଅବତାର ବୋଲି ଘୋଷଣା କରାଯାଇଥିଲା। ୧୯୬୪ରେ ହାଇତିର ସ୍କୁଲଗୁଡ଼ିକରେ ହେଉଥିବା ପ୍ରାର୍ଥନାକୁ ବଦଳାଇ ଦିଆଯାଇଥିଲା। ପ୍ରାର୍ଥନାର ଯେଉଁ ସ୍ଥାନରେ ଈଶ୍ୱରଙ୍କ ନାମ ରହିଥିଲା ସେହି ସ୍ଥାନରେ ଡୁବେଲିଅରଙ୍କ ନାମ ଯୁକ୍ତ କରାଯାଇଥିଲା।

**କିମ୍ ଜଙ୍ଗ୍-ଇଲ୍ :** ୧୯୯୪ରୁ ୨୦୧୧ ମଧ୍ୟରେ ଉତ୍ତର କୋରିଆର ସୁପ୍ରିମ୍ ଲିଡର ଥିଲେ କିମ୍ ଜଙ୍ଗ୍-ଇଲ୍। ସେ ତାଙ୍କର ଜନ୍ମଦିନକୁ ଧୂମ୍‌ଧାମରେ ପାଳନ କରୁଥିଲେ ଆଉ ଏହାକୁ ଦେଶବାସୀଙ୍କୁ ଜାତୀୟ କାର୍ଯ୍ୟକ୍ରମ ଭାବରେ ପାଳନ କରିବା ପାଇଁ ବାଧ୍ୟ କରୁଥିଲେ। ସେ ନିଜ ନାମରେ ଏକ ସ୍ୱତନ୍ତ୍ର ସଙ୍ଗୀତ ସଂରଚନା କରିଥିଲେ, ଯାହାର ଶୀର୍ଷକ ଥିଲା : ନୋ ମଦରଲ୍ୟାଣ୍ଡ ୱିଦାଉଟ୍ ୟୁ। ଏହି ସ୍ୱେଚ୍ଛାଚାରୀ ଶାସକ ଜଣକ ଫିଲ୍ମ ପାଇଁ ପାଗଳ ଥିଲେ। ସେ କୋଡ଼ିଏ ହଜାରରୁ ଅଧିକ ଭିଡିଓ ସିଡୀ ସଂଗ୍ରହ କରି ରଖିଥିଲେ। ସେ ଫିଲ୍ମକୁ ନେଇ ଗୋଟିଏ ପୁସ୍ତକ ରଚନା କରିଥିଲେ। ତାଙ୍କର ଫିଲ୍ମ ପାଗଳାମି ଏତିକିରେ ସରି ଯାଏନି। ସେ ଦିନେ ହଠାତ ସାଉଥ୍ କୋରିଆର ଫିଲ୍ମ ଡିରେକ୍ଟର ସିନ୍ ସାଙ୍ଗ୍-ଓକେ ଏବଂ ତାଙ୍କର ଅଭିନେତ୍ରୀ ପତ୍ନୀ ଚୋଇ ଏନୁ-ହି'ଙ୍କୁ ଅପହରଣ କରିନେବାକୁ ନିର୍ଦ୍ଦେଶ ଦେଲେ। ଆଉ ତାହା କରାଗଲା ମଧ୍ୟ। ଏହି ଦୁଇଜଣଙ୍କୁ ଅପହରଣ କରିବା ପଛରେ ଯେଉଁ ଉଦ୍ଦେଶ୍ୟ ଥିଲା ତାହା ହେଉଛି ଏକ ଉତ୍ତରକୋରିଆ ଫିଲ୍ମ ଇଣ୍ଡଷ୍ଟ୍ରି ତିଆରି କରିବା।

**ଇଦି ଆମିନ୍ :** ଇତିହାସର ଆଉ ଜଣେ ସ୍ୱେଚ୍ଛାଚାରୀ ଶାସକ ହେଉଛନ୍ତି ଇଦି ଆମିନ୍। ଉଗାଣ୍ଡାର ଏହି ଶାସକଙ୍କୁ କ୍ରୂର ଶାସକଙ୍କ ମଧ୍ୟରେ ଅନ୍ୟତମ ବୋଲି ବିବେଚନା କରାଯାଇଥାଏ। ଅବଶ୍ୟ ସେ ନିଜକୁ ଅନ୍ୟମାନଙ୍କ ଭଳି ଈଶ୍ୱର କିମ୍ବା ଈଶ୍ୱରଙ୍କର ଅବତାର ବୋଲି ବିବେଚନା କରୁ ନ ଥିଲେ। ତେବେ ସେ ଥିଲେ ନିଜ ବିରୋଧୀଙ୍କ ପାଇଁ ଯମଠାରୁ ବି ଅଧିକ ଭୟଙ୍କର। କୁହାଯାଏ ଯେଉଁମାନେ ତାଙ୍କୁ ବିରୋଧ କରୁଥିଲେ ସେମାନଙ୍କୁ ସେ ନିଜ ହାତରେ ମୃତ୍ୟୁଦଣ୍ଡ ଦେଉଥିଲେ। ଆଉ ସେମାନଙ୍କର କଟାମୁଣ୍ଡକୁ ଆଣି ନିଜ ଘରେ ସାଇତି ରଖିବା ଥିଲା ତାଙ୍କର ଏକ ପୈଶାଚିକ ବିଳାସ। ଅବଶ୍ୟ ଏଭଳି ଘଟଣାର ସତ୍ୟତା କେତେ ତାହା ଉପରେ କୌଣସି ନିର୍ଯ୍ୟାସ ମିଳି ପାରିନାହିଁ। ଇଦି ଆମିନ୍‌ଙ୍କର ଏକ ସୌକ୍ ଥିଲା ମଞ୍ଚ ଉପରେ ସମ୍ମାନିତ ହେବା। ପୁରସ୍କାର ତଥା ଉପଢୌକନ ହାସଲ କରିବା। ସେଥିଲାଗି ସେ ରାଜକୋଷରୁ ଅର୍ଥ ଖର୍ଚ୍ଚକରି ବିଭିନ୍ନ ସ୍ଥାନରେ ସଭାସମିତି କରୁଥିଲେ ଆଉ ସେହି ସଭା ସମିତିରେ ନିଜେ ସମ୍ମାନିତ ହେଉଥିଲେ।



ଇଦି ଆମିନ୍



ନିୟାଜୋଭ୍



କଲିଗୁଲା



ଫ୍ରାଙ୍କୋଇସ୍ ଡୁବେଲିଅର



କିମ୍ ଜଙ୍ଗ୍-ଇଲ୍



# ସ୍ୱପ୍ନ

**ତୋ** ହସରେ ପାରିଜାତ ଫୁଟେ
ତୋ ଲୁହରେ ପାରାବର ଛୁଟେ।
ତୋ ଆଖିରେ ମୁଁ ପାଏ ସକଳ ପୂର୍ଣ୍ଣତା
ତୋ ଭାବନାରେ କଟେ ମୋ ନିଃସଙ୍ଗତା ।
ଲୋଡ଼ା ନାହିଁ ତୋ ସ୍ପର୍ଶ, ତୋ ବାହୁ ବନ୍ଧନୀ
ତୁ ଖାଲି ମୋ ସ୍ୱପ୍ନରେ ଆସୁଥା।

**–ଦେବଦତ୍ତ ମିଶ୍ର**
*ବବକରପୁର, କେନ୍ଦ୍ରାପଡ଼ା*
*ମୋ-୯୦୪୦୭୦୦୩୦୩*



# ସତୁରି ଦଶକ ଅଜା

**ଡ. ଅମିୟ କୁମାର ମହାପାତ୍ର**

**ସ**ତୁରି ଦଶକ ଅଜା
ଢିପେଇ ଚାଲିରେ ଆଡ ଚାହାଣି
ଦେଖି ଲାଗୁଥାଏ ମଜା
ସତୁରି ଦଶକ ଅଜା।

ଦିନକର କଥା ଆମ ଗାଁରେ
ଯବାନ ଟୋକାଏ ଦିନ ଦାହାଡ଼େ
ପକାଇଲେ ରଡ଼ି ଖେଳିଲେ କବାଡ଼ି
ଅଜା ଧରିଥିଲା ତା' ବାଙ୍କୁଲି ବାଡ଼ି ।

ଖେଳ ନ ଗଲା ତା' ମନେ
କହିଲା ପିଲାଏ ଖେଳୁଛ ସିନା
ଏମିତି କାହିଁକି ଉଡ଼ାଅ ବାନା
କିଏ କହିଦେଲାରେ ବୁଢ଼ା ଗୋରୁ
ହଳ କରିବାକୁ କାହିଁକି ମରୁ
ଦେଖିବ କ'ଣ, ଅଜା
ହୋଇଗଲା ତାଜା ।

ମାରିଲା କଚ୍ଛା ଛାଡ଼ି ତା' ବାଡ଼ି,
ଖେଳିଲା କବାଡ଼ି
ଯବାନ ଟୋକାଏ ତାକୁ
ପାରିଲେନି ଯାବୋଡ଼ି
ଧାଇଁଯାଇ ପୁଣି ଗୁଡ଼ିଆ ପାଶେ
ଆଣି ଖୁଆଇଲେ ଗଜା
ସତୁରି ଦଶକ ଅଜା।

ଅଜା କହେ ହେଲା ଭେଜାଲ ଯୁଗ
ନାହିଁ ଆମ କାଳ ପନି ପରିବା ମୁଗ
ସେଇଥି ପାଇଁ
ଦେହ ସିନା ଅଛି, ତାକତ ନାହିଁ
ବାପ ପଇସାରେ ସବୁ ବଜାଅ ପୁଙ୍ଗି
ଜାଣିଶୁଣି ତୁମେ ହେଲଣି ଢୋଙ୍ଗି
ଘରପରିବାରକୁ ନିଜର କର
ଆତ୍ମା ଶୁଦ୍ଧି ଭାଇ ଅତି ଜରୁର
ଯଦି ହେବ ତୁମେ ରାଜା
ସତୁରି ଦଶକ ଅଜା।

*–ନୂଆଗଡ, ଢେଙ୍କାନାଳ*
*ଦ୍ୱାରକା, ନୂଆଦିଲ୍ଲୀ*
*ମୋ-୮୮୨୬୪୬୪୪୭୪*

# ଯୋଦ୍ଧା

**–ଶ୍ରୀଗୋବିନ୍ଦ**

**ସ**କାଳୁ ସକାଳୁ ଭିକମାଗୁଥିବା ବୁଢ଼ୀଟିକୁ ଦେଖି ସମସ୍ତେ ନାକ ଟେକିବା ଯେମିତି ଆରମ୍ଭ କରିଦେଇଥିଲେ । କିଏ କାହାକୁ ଏମିତି ସବୁବେଳେ ଭିକ୍ଷା ଦେବ । ଦିନେ ଅଧେ ହୋଇଥିଲେ ଚଳିଥାନ୍ତା । ଏ ମହାମାରୀରେ ତ କେହି କାହାକୁ ଚାହୁଁ ନାହାନ୍ତି, ଏ ବୁଢ଼ୀ ସବୁବେଳେ ବ୍ଲକ୍ କ୍ୟାମ୍ପସକୁ ରାତି ନ ପାହୁଣୁ ଚାଲି ଆସୁଛି, କାହାକୁ ଚା ପିଇବ, ଟିଫିନ ଖାଇବ ବୋଲି କହି ସବୁବେଳେ ମାଗୁଛି। ଏମିତି ଖିଙ୍କାରି ପଡ଼ି ପିଅନଟି କହିବା ପୂର୍ବରୁ ବୁଢ଼ୀ ପଚାରିଲା, ବାବୁ...ବିଡ଼ିଓ ସାଆରେ କେତେବେଳେ ଆସିବେ ? ପିଅନଟି କହିଲା...ସାରେ କେତେବେଳେ ଆସିବେ ଠିକ୍ ନାହିଁ...ଏ ମହାମାରୀ ସମୟରେ କେତେକାମ । ତୋତେ କ'ଣ ଭିକ ଦେବେ ବୋଲି ସକାଳୁ ଆସି ବ୍ଲକରେ ଶୋଇବେ ନା କ'ଣ ? ପିଅନଟି ବିରକ୍ତ ହେବା ଦେଖି ବୁଢ଼ୀଟି ନୀରବ ରହିଯାଇଥିଲା ।

ବୁଢ଼ୀ ସେମିତି ବିଡ଼ିଓଙ୍କ ଅଫିସ ସାମନାରେ ଧାରଣା ଦେଲା ଭଳି କାନ୍ଥକୁ ଆଉଜି ବସିଥିଲା । ବିଡ଼ିଓ ଆସିଲେ ସିନା ହେଲେ ତାଙ୍କ ପଛରେ କେତେ ଚେଲାଚାମୁଣ୍ଡା, କେଉଁ ତର ପାଉଛି ଯେ ସେ ଯାଇ ବାବୁଙ୍କୁ ଭେଟିବ । ଅନେକ ସମୟ ଅପେକ୍ଷା କଲା ପରେ କବାଟ ଆଉଜାଇ ଭିତରକୁ ପଶିଲା । କେହି କେହି ତଡ଼ିଦେବାକୁ ବାହାରିଲା ବେଳକୁ ବିଡ଼ିଓଙ୍କ ଉଦ୍ଦେଶ୍ୟରେ ବୁଢ଼ୀ ତା' ଚିରା ଝୁଲା ଭିତରୁ ମୁଣିଟିଏ କାଢ଼ି ଟେବୁଲ ଉପରେ ଥୋଇଲା । କହିଲା, ବାବୁ ମୁଁ ଭିକ ମାଗି ଏଯେଉଁ ପାଞ୍ଚ ହଜାର ଟଙ୍କା ସଞ୍ଚୟ କରି ରଖିଛି, ଗରିବଗୁରୁବାଙ୍କୁ ଖାଇବାକୁ ଦେଇଦେବେ । କେତେଲୋକ ଭୋକ ଉପାସରେ କଲବଲ ହେଉଛନ୍ତି । ମୋର ଏ ବ୍ଲକ୍ ବାରଣ୍ଡା ଭଲ ତ ମୁଁ ଭଲ । ଏମିତିରେ ବି କେତେ ଲୋକ ଯିବାଆସିବା ଭିତରେ ଯିଏ ଯାହା ଗଣ୍ଡେ ଦେଉଛନ୍ତି, ମୁଁ ଚଳିଯାଉଛି । ମୋର ଏ ଟଙ୍କା କ'ଣ ହେବ ? ଖରାତରାରେ ବୁଲି ଭିକ ମାଗି ଯାହା କିଛି ସଞ୍ଚୟ କରିଥିଲି, ମୋ ଭଳି ନିରାଶ୍ରୟ ଲୋକ ତ ସାହାଯ୍ୟ ପାଇପାରିବ ? ବରଂ ଯେଉଁମାନେ ଖାଇବାକୁ ଡହଳବିକଳ ହେଉଛନ୍ତି, ସେମାନଙ୍କୁ ଦେଇଦେବେ। ବିଡ଼ିଓ ବୁଢ଼ୀ ମୁହଁକୁ ଥରେ ଓ ଟେବୁଲ ଉପରେ ଥୁଆ ହୋଇଥିବା ସେ ପୁଟୁଳାକୁ ଥରେ ଅନାଇ ଭାବୁଥିଲେ, ଏ ମାହାମାରୀରେ ବୁଢ଼ୀ ବି ଜଣେ କମ୍ ବଡ଼ ଯୋଦ୍ଧା ନୁହେଁ ।

*–ସାନମାଛୁଆଘାଇ, ରାଜଘରପୋଖରୀ, ଭଦ୍ରକ, ମୋ-୭୦୦୮୯୧୩୫୮୯*

# ସ୍ୱପ୍ନ ଥିଲା

**– ଚିନ୍ମୟୀ ସାହୁ**

**ନା** ମୁଁ ଭୁଲିବିନି କେବେ
ସେଇ ରାତି।
ଆତଙ୍କିତ ହୋଇଉଠିଥିଲା
ଏଇ ମନ,
ଅନେକ ପ୍ରଶ୍ନ ପଚାରି ଥିଲା
ମୋତେ ମୋ ଜୀବନ।
ରାଙ୍କୁଡି କରୁଥିଲା ରାତି ।
ମନ ଭିତରେ ଉଙ୍କିମାରୁଥିଲା
ଆଗକୁ ବଢ଼ିବାର ଅଜସ୍ର ସ୍ୱପ୍ନ।
ପାହାଚ ପରେ ପାହାଚ ଚଢି
ଚାଲିଥିଲି।
ଏ କ'ଣ ହେଲା–
ସବୁକିଛି ସ୍ୱପ୍ନରେ ରହିଗଲା
ମୋ ସଫଳତାର କାହାଣୀ।
ହୃଦୟର ଚିତ୍କାରରେ, ଆଖି
ଲୁହରେ ଭିଜିଯାଉଥିଲି
ମୁଁ ....।
ନା ମୁଁ ଭୁଲିବିନି ମନ
କହିଉଠିଥିଲା।
ହଠାତ୍ ନିଦ ଭାଙ୍ଗିଗଲା,
ସବୁକିଛି ସ୍ୱପ୍ନ ଥିଲା।

*–ପିଏଚ.ଡି. ଛାତ୍ରୀ , ନାଇଜର*
*ମୋ-୮୨୪୯୮୬୨୬୧୫*





# ଅକ୍ଷୟ ବନାମ ରଣବୀର

ଏବେ ତ କରୋନା ଦିନକୁ ଦିନ ତାହାର କାୟା ବିସ୍ତାର କରି ଚାଲିଛି । ସେପଟେ ଲକ୍‌ଡାଉନ ଯୋଗୁ କେବଳ ଫିଲ୍ମର ଶୁଟିଂ ନୁହେଁ, ରିଲିଜ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଏବେ କେତେକ ପ୍ରଯୋଜକ ଫିଲ୍ମଗୁଡ଼ିକୁ ଡିଜିଟାଲ ଫର୍ମାଟ (ଓଟିଟି ପ୍ଲାଟଫର୍ମ)ରେ ମୁକ୍ତିଲାଭ କରାଇବାକୁ ଯୋଜନା କରୁଛନ୍ତି । ଯଦି ସେପରି ହୁଏ ତେବେ ଅକ୍ଷୟ କୁମାର ଏବଂ ରଣବୀର ସିଂ ପରଦା ଉପରେ ସାମ୍‌ନାସାମ୍‌ନି ହେବେ । ଅର୍ଥାତ ଅକ୍ଷୟଙ୍କ ଅଭିନୀତ 'ସୂର୍ଯ୍ୟବଂଶୀ' ଏବଂ ରଣବୀରଙ୍କ '୮୩' ଏକା ତାରିଖରେ ରିଲିଜ ହେବାର ଯୋଜନା ରହିଛି ବୋଲି ଶୁଣିବାକୁ ମିଳୁଛି । ଏ ନେଇ ଅକ୍ଷୟ କହନ୍ତି, 'ଖୁବ୍ ଶୀଘ୍ର 'ସୂର୍ଯ୍ୟବଂଶୀ' ରିଲିଜ ହେବ । ହେଲେ ଏହି ଫିଲ୍ମ ସହ କପିଳ ଦେବଙ୍କ ବାୟୋପିକ୍ '୮୩' ରିଲିଜ ହେବ ବୋଲି ମଧ୍ୟ ଶୁଣୁଛି । ତେବେ ଏ ନେଇ ମୋର କିଛି କହିବାର ନାହିଁ । କାରଣ ଫିଲ୍ମଟି ରିଲିଜ ହେବା ପରେ ତାହାର ଫଳାଫଳ ଦର୍ଶକଙ୍କ ଉପରେ ହିଁ ନିର୍ଭର କରିଥାଏ ।' 'ସୂର୍ଯ୍ୟବଂଶୀ'ରେ ଅକ୍ଷୟଙ୍କ ସହ କ୍ୟାଟ୍ରିନା କୈଫ ସ୍କ୍ରିନ୍ ଶେୟାର କରିଥିବା ବେଳେ '୮୩'ରେ ରଣବୀରଙ୍କ ନାୟିକା ସାଜିଛନ୍ତି ଦୀପିକା ପାଦୁକୋନ୍ ।



ପ୍ରିୟଙ୍କା



ଅକ୍ଷୟ

# ଫେରୁଛନ୍ତି ସୁନୀଲ



ଓଡ଼ିଆ ସିନେମାର ଅନ୍ୟତମ ରୋମାଣ୍ଟିକ ନାୟକ ସୁନୀଲ କୁମାରଙ୍କୁ ବ୍ରେକ ମିଳିଥିଲା ୨୦୦୪ରେ । ଚଳଚ୍ଚିତ୍ରଟି ଥିଲା ନିରଞ୍ଜନ ରଣାଙ୍କ ପ୍ରଯୋଜିତ 'ହରିଭାଇ ହାରେନା' । ପ୍ରଥମ ସିନେମାରୁ ହିଁ ସେ ନିଜର ଆକ୍ଟିଂ ଦକ୍ଷତାର ପରିଚୟ ଦେଇ ଚର୍ଚ୍ଚିତ ହୋଇଥିଲେ । ପୁଣି ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଥିବା ଅନୁ ଚୌଧୁରୀଙ୍କ ସହ ତାଙ୍କର ଲିପ୍-ଲକ୍ ସିନ୍ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଥିଲା । ସୁନୀଲଙ୍କ ଅଭିନୀତ ଶେଷ ଓଡ଼ିଆ ସିନେମା ଥିଲା 'ମାୟା' (୨୦୧୫) । ଏବେ ପାଞ୍ଚବର୍ଷ ପରେ ସେ ପୁଣି ଥରେ ଓଲିଉଡ୍‌କୁ କମ୍ ବ୍ୟାକ୍ କରୁଛନ୍ତି । ଏ ସମ୍ପର୍କରେ ସୁନୀଲ କହନ୍ତି, 'ମୋର ପ୍ରଥମ ସିନେମା 'ହରି ଭାଇ ହାରେନା'ରେ ମୋତେ ଦର୍ଶକ ଯେଉଁ ସ୍ନେହ ଶ୍ରଦ୍ଧା ଦେଇଥିଲେ ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ । ନିକଟରେ ମୋତେ ଏକ ଓଡ଼ିଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଛି । ଲକ୍‌ଡାଉନ୍ ପରେ ଏହାର ପ୍ରାରମ୍ଭିକ କାମ ଆରମ୍ଭ ହେବ । ଏବେ ମୁଁ ମୋ ନିଜ କମ୍ପାନୀ ଏସ.କେ. ଗ୍ରୁପ୍ ସହ ଜଡିତ ରହିଥିଲେ ମଧ୍ୟ ଅଭିନୟ ନିଶା ସେମିତି ରହିଛି ।' ସୁନୀଲ 'ଜୀବନ ମୃତ୍ୟୁ' 'ରକତେ ଲେଖିଛି ନାଁ', 'ତୁମକୁ ପାରୁନି ତ ଭୁଲି', 'ଚୁପ୍ କିଏ ଆସୁଛି', 'ସ୍ୱୟଂସିଦ୍ଧା', 'ମୁଁ ଆଶିକ୍ ମୁଁ ଆୱାରା' ଆଦି ଚଳଚ୍ଚିତ୍ରରେ ଅଭିନୟ କରି ଓଲିଉଡର ଜଣେ ଆଗଧାଡିର ନାୟକ ଭାବେ ନିଜକୁ ପ୍ରତିଷ୍ଠିତ କରାଇଥିଲେ । ତେବେ ମରାଠି ଚଳଚ୍ଚିତ୍ର 'ପୁନେ ଭାୟା ବିହାର' ଏବଂ ବଙ୍ଗଳା ଛବି 'ଅପରାଧୀ'ରେ ସେ ପ୍ରସେନଜିତ୍ ଓ ଭିକ୍ଟର ବାନାର୍ଜୀଙ୍କ ପରି ସୁପ୍ରସିଦ୍ଧ ଅଭିନେତାଙ୍କ ସହ ନଜର ଆସିଥିଲେ ।

# ଦୋଛକିରେ ପଡ଼ିଛନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ଦୋଛକିରେ ପଡ଼ିଯାଇଛନ୍ତି । ଏପରି ସମୟରେ ସେ କି ନିଷ୍ପତ୍ତି ନେବେ ତାହା ଜାଣିପାରୁନାହାନ୍ତି । କଥା କ'ଣ କି ତାଙ୍କୁ ଏକାଥରେ ବଲିଉଡ୍ ଏବଂ ହଲିଉଡ୍‌ରୁ ଅଫର ମିଳିଛି । ହଲିଉଡ୍ ଅଫରକୁ ସେ ଗ୍ରୀନ୍ ସିଗନାଲ ଦେଖାଇ ସାରିଥିବା ବେଳେ ବଲିଉଡ୍‌କୁ ନେଇ ଅଡୁଆରେ ପଡ଼ିଛନ୍ତି । କାରଣ ଦୁଇଟି ସିନେମା ଏକାଥରେ ଶୁଟିଂ ହେବାର ଯୋଜନା ରହିଛି । ସେପଟେ 'ଗୋ ଗୋଆ ଗନ୍'ର ନିର୍ଦ୍ଦେଶକ ଯୋଡି ରାଜ୍-ଡିକେ ଆଉ ଏକ ସିନେମା ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି । ଏହାର ଟାଇଟଲ ରହିଛି 'ଦ ହ୍ୱାଇଟ୍ ଟାଇଗର' । ରାଜ କୁମାର ରାଓ ଏହାର ମେଲ୍ ଲିଡ୍‌ରେ ଅଭିନୟ କରିବେ । ତେବେ ବଲିଉଡ୍ ଅଫର ସମ୍ପର୍କରେ ନିଷ୍ପତ୍ତି ନେବାକୁ ମୋତେ କିଛି ସପ୍ତାହ ଲାଗିବ ବୋଲି କହିଛନ୍ତି ପ୍ରିୟଙ୍କା ।

# ଷ୍ଟଣ୍ଟ ଗର୍ଲ ତାପସୀ

ଷ୍ଟଣ୍ଟ ଶଟ୍ ଦେବା ସହଜ କଥା ନୁହେଁ । ହେଲେ ସେ ଅଭିନୟ କରିଥିବା ଅନେକ ଫିଲ୍ମରେ ଏପରି ଶଟ୍ ଦେଇ ଚର୍ଚ୍ଚିତା ହୋଇଛନ୍ତି । ଏହି ଅଭିନେତ୍ରୀ ଜଣକ ହେଲେ ତାପସୀ ପାନ୍ନୁ । ନିଜର ଏଭଳି ମାନସିକତା ବିଷୟରେ ସେ କହନ୍ତି, 'ସ୍କୁଲ ଏବଂ କଲେଜରେ ପଢ଼ିବା ସମୟରେ ମୁଁ ସ୍ପୋର୍ଟ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିଲି । ମୁଁ ମଧ୍ୟ ଜଣେ ସ୍କ୍ୱାଶ ଖେଳାଳି । ସତ କଥା କହିବାକୁ ଗଲେ ମୋତେ ଷ୍ଟଣ୍ଟ ଶଟ୍ ଦେବାକୁ ଭଲ ଲାଗିଥାଏ । ସେଥିପାଇଁ ମୁଁ ଆକ୍ସନ ମୁଭି ବେଶି ଦେଖିଥାଏ ।' ଅଭିନୟ ଜଗତରେ ପାଦ ଦେବା ପୂର୍ବରୁ ତାପସୀ ସଫ୍ଟୱେର ଇଞ୍ଜିନିୟର ଭାବରେ କାମ କରିଥିଲେ । ଖାସ୍ କଥା ହେଲା, ଏହି ସମୟରେ ସେ ନିଜେ କେତୋଟି ଆପ୍ସ ତିଆରି କରିଥିଲେ । କଥକ ଏବଂ ଭାରତନାଟ୍ୟମ ନୃତ୍ୟରେ ତାଙ୍କର ପଟୁତା ରହିଛି । ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ତେଲୁଗୁ ଏବଂ ତାମିଲ ଫିଲ୍ମରେ ଅଭିନୟ କରିସାରିଥିଲେ । ତାପସୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ଫିଲ୍ମଟି ହେଉଛି 'ଚଶ୍‌ମେ ବଦ୍ଦୁର୍' ।



SANTABANTA.COM




ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ହରତାଳ

ପୁଅ ମା'କୁ– ମା' ବାପାଙ୍କୁ କହ ମୋ ପାଇଁ ଗୋଟେ ରିମୋଟ୍ କାର୍ ଆଣିଦେବେ।
ମା'– ଏବେ ଟଙ୍କା ନାହିଁ। ଯେବେ ହେବ ବାପା ଆଣିଦେବେ।
ପୁଅ– କ୍ଷୀର ବିକୁଥିବା ଲୋକ ହରତାଳ କଲେ ରାସ୍ତାରେ କ୍ଷୀର ଢାଳି ଦେଉଛନ୍ତି। ଟମାଟୋ ଚାଷୀ ହରତାଳ କରିବା ବେଳେ ଟମାଟୋ ରାସ୍ତାରେ ଫିଙ୍ଗୁଛନ୍ତି। ବ୍ୟାଙ୍କ ହରତାଳ ବେଳେ ସେମିତି ଟଙ୍କା ରାସ୍ତାରେ ଫିଙ୍ଗୁଥିଲେ କେତେ ଭଲ ହୋଇଥାଆନ୍ତା। ଆମେ ସେଥିରୁ କିଛି ଆଣି ଖେଳଣା କିଣି ପାରିଥାନ୍ତେ।

## କଥା ହେବିନି

ସ୍ୱାମୀ ସ୍ତ୍ରୀ ଝଗଡା ହେବା ପରେ
ସ୍ତ୍ରୀ– ଆଜିଠୁ ମୁଁ ତୁମ ସହ କଥା ହେବିନି।
ସ୍ୱାମୀ– କାଇଁ ତମେ କ'ଣ ଘୁଙ୍ଗି ହେଇଯିବ କି।
ସ୍ତ୍ରୀ– ନା, ମୁଁ ତୁମକୁ କାଲା କରିଦେବି।

## କେଶର

ସ୍ୱାମୀ ସ୍ତ୍ରୀକୁ– ମୋ ପାଇଁ କେଶର ପକା କ୍ଷୀର ଆଣିଲ।
ସ୍ତ୍ରୀ– ହଉ, ଟିକେ ଅପେକ୍ଷା କର।
ସ୍ୱାମୀ– କେତେ ସମୟ ଲାଗୁଛି ?
ସ୍ତ୍ରୀ– ହେଇଟି ନିଅ।
ସ୍ୱାମୀ ପିଉ ପିଉ– ୟାର ଟେଷ୍ଟ କ'ଣ ଏମିତି ଲାଗୁଛି ?
ସ୍ତ୍ରୀ– କେଶର ସରି ଯାଇଥିଲା। ସେଥିପାଇଁ ତମ ଶାର୍ଟ ପକେଟରୁ କେଶର ବାଲା ପାନ ମସଲା ଆଣି କ୍ଷୀରରେ ମିଶେଇ ଦେଇଛି।
ସ୍ୱାମୀ– କ'ଣ ?
ସ୍ତ୍ରୀ– ହଁ। ଆଡଭର୍ଟାଇଜମେଣ୍ଟରେ ପରା କହେ 'ଇସ୍‌କେ ଦାନେ ଦାନେ ମେଁ କେଶର୍ କା ଦମ୍ ହେଁ'।

# ଦାମୀ ଫଳ



ସାଧାରଣ ଭାବରେ ଯେତେବେଳେ ଆମ୍ବ କିଲୋ ପିଛା ଦୁଇଶହ ଟଙ୍କା କିମ୍ବା ବାଇଗଲ କିଲୋ ପିଛା ଷାଠିଏ ଟଙ୍କା ହୋଇଯାଏ ସେତେବେଳେ ଗ୍ରାହକଙ୍କ ମଧ୍ୟରେ ଚହଲ ପଡ଼ିଯାଏ। ମାତ୍ର ଥରେ ଭାବନ୍ତୁ ଯଦି ଗୋଟିଏ ଗୋଟିଏ ଫଳର କିଲୋପିଛା ଦାମ୍ ଦଶ ଲକ୍ଷ ବା କୋଡ଼ିଏ ଲକ୍ଷ ବୋଲି କୁହାଯିବ ତା'ହେଲେ ବଜାରର ଅବସ୍ଥା କ'ଣ ହେବ? ହେଲେ ଦୁନିଆରେ ଏମିତି କିଛି ଫଳ ଅଛି, ଯାହାର ଦାମ୍ ଶୁଣିଲେ ହୁଏତ ହୋସ୍ ଉଡ଼ିଯିବା ପରି ଲାଗିବ।

**ୟୁବାରି କିଂ :** ନାଁଟି ଶୁଣିବାକୁ ନିଶ୍ଚିତ ଭାବରେ ଅଜବ ଲାଗୁଥିବ। ୟୁବାରି କିଂ ଗୋଟେ କି ଫଳ? ଏହା ଖାଇବାକୁ କେମିତି ଲାଗେ? ଏହାର ସ୍ୱାଦ କେମିତି? ତେବେ ଯଦି କୁହାଯାଏ ଯେ, ଏହା ହେଉଛି ଏକ ଭିନ୍ନ ପ୍ରଜାତିର ତରଭୁଜ ତା'ହେଲେ ଆପଣ ନିଶ୍ଚୟ ଚମକି ପଡ଼ିବେ। ହେଲେ ଏହା ହିଁ ସତ୍ୟ। ୟୁବାରି କିଂ ହେଉଛି ଏକ ବିଶେଷ ପ୍ରଜାତିର ତରଭୁଜ। ଏହି ତରଭୁଜଟି ଜାପାନ ମାଟିରେ ହିଁ ଭଲ ଭାବରେ ଉତ୍ପାଦିତ ହୋଇ ପାରିଥାଏ। ଏହି ତରଭୁଜକୁ ଉତ୍ପାଦନ କରିବାର ଏକ ବିଶେଷ ପ୍ରଣାଳୀ ମଧ୍ୟ ଅଛି। ସାମାନ୍ୟତମ ସୂର୍ଯ୍ୟକିରଣକୁ ଏହି ତରଭୁଜର ଲଟା ସମ୍ଭାଳି ପାରେ ନାହିଁ। ଏହାକୁ ସୂର୍ଯ୍ୟକିରଣଠାରୁ ଯଥାସମ୍ଭବ ଦୂରେଇ ରଖି ଉତ୍ପାଦନ କରାଯାଇଥାଏ। ଏହାକୁ କେହି କେହି ଗ୍ରୀନ୍‌ହାଉସ୍ ତରଭୁଜ ବୋଲି ମଧ୍ୟ କହିଥାନ୍ତି। ଗୋଟିଏ ୟୁବାରି କିଂ ତରଭୁଜର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଥାଏ।

**ଏଗ୍ ଅଫ୍ ଦି ସନ୍ :** ଏଗ୍ ଅଫ୍ ଦି ସନ୍‌କୁ ଯଦି ଓଡ଼ିଆରେ ଭାଷାନ୍ତର କରାଯାଏ ତା'ହେଲେ ତା'ର ଅର୍ଥ ହେବ ସୂର୍ଯ୍ୟଡିମ୍ବ ବା ସୂର୍ଯ୍ୟଙ୍କ ଅଣ୍ଡା। ଏହା ଏକ ବିଶେଷ ପ୍ରଜାତିର ଆମ୍ବ। ଏହାର ରଙ୍ଗ ଗାଢ଼ ନାଲି। ଏହା ମଧ୍ୟ ଜାପାନରେ ଫଳେ। ତେବେ କୌତୂହଳର କଥା ହେଉଛି ଏହି ପ୍ରଜାତିର ଆମ୍ବଟି ଜାପାନର ସବୁ ଜାଗାରେ ବଢ଼ି ପାରେନାହିଁ କି ଫଳି ମଧ୍ୟ ପାରେନାହିଁ। ଜାପାନର କେବଳ ମିଆଜାକି ନାମକ ଏକ ପ୍ରାନ୍ତରେ ଏହି ପ୍ରଜାତିର ଆମ୍ବଗଛ ଦେଖିବାକୁ ମିଳିଥାଏ। ସେଠାରୁ ଏହା ଚାରିଆଡ଼କୁ ସ୍ଥାନାନ୍ତରିତ ହୁଏ। ଏହି ଆମ୍ବର କିଲୋପିଛା ଦାମ୍ ତିନିଲକ୍ଷ ଟଙ୍କାରୁ ଆରମ୍ଭ।

**ରୁବି ରୋମାନ୍ ଅଙ୍ଗୁର :** ଅଙ୍ଗୁର ଫଳ ବିଷୟରେ କାହାରିକୁ ଅଜଣା କିଛି ନାହିଁ। ତେବେ ରୁବି ରୋମାନ୍ ଅଙ୍ଗୁରଟି ସାଧାରଣ ଅଙ୍ଗୁର ତୁଳନାରେ ବେଶ୍ ଅଲଗା। ଆଉ ମହଙ୍ଗା ବି। ପ୍ରଥମେ ଅଙ୍ଗୁରଟି ବିଷୟରେ କୁହାଯାଉ। ଏହି ଅଙ୍ଗୁର ରଙ୍ଗ ରକ୍ତବର୍ଣ୍ଣ। ଏହାର ଆକାର ପିଙ୍ଗ୍-ପଙ୍ଗ୍ ବଲ୍ ବା ଟେବୁଲ୍ ଟେନିସ୍ ବଲ ଭଳି ବଡ଼। ଏହା ମଧ୍ୟ ଜାପାନରେ ଫଳେ। ଏହାକୁ ଜାପାନରେ 'ପ୍ରିମିଅମ୍ ଗ୍ରେପ୍ସ' ତାଲିକାରେ ରଖା ଯାଇଥାଏ। ଏହାର ୭ଶହ ଗ୍ରାମ୍‌ର ଦାମ ଭାରତୀୟ ମୁଦ୍ରାରେ ୭୦ହଜାରରୁ ଅଧିକ। ସଦ୍ୟତମ ତଥ୍ୟ ଅନୁଯାୟୀ, ପୂର୍ବବର୍ଷ ଅର୍ଥାତ୍ ୨୦୧୯ ମସିହାରେ ଏହାର ଗୋଟିଏ ଗୁଚ୍ଛା ସାଢ଼େ ସାତ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲା। ଏହି ଗୋଚ୍ଛାରେ ରହିଥିବା ୨୪ଟି ଅଙ୍ଗୁର। ଏହି ଫଳଟିକୁ ଜାପାନୀମାନେ ଶ୍ରଦ୍ଧାରେ 'ଧନୀ ଲୋକଙ୍କ ଫଳ' ବୋଲି କହିଥାନ୍ତି।

**ହେଲିଗନ୍ ସପୁରି :** ଆମେ ସମସ୍ତେ ସପୁରି ଦେଖିଛେ ଓ ଖାଇଛେ ମଧ୍ୟ। ତେବେ ଏଠାରେ ଯେଉଁ ସପୁରି କଥା କୁହାଯାଉଛି ତାହା ଆମେ ଦେଖିଥିବା ଓ ଖାଇଥିବା ସପୁରି ଭଳି ନୁହେଁ। ଏହି ସପୁରି ବ୍ରିଟେନ୍‌ର ସବୁଠାରୁ ଲୋକପ୍ରିୟ ବୋଟାନିକାଲ ଗାର୍ଡ଼େନ 'ଲଷ୍ଟ ଗାର୍ଡେନ୍‌ସ ଅଫ୍ ହେଲିଗନ୍'ରେ ଫଳାଯାଏ। ସେଥିପାଇଁ ଏହି ସପୁରିର ନାମ 'ଲଷ୍ଟ ଗାର୍ଡ଼େନ୍ସ ଅଫ୍ ହେଲିଗନ୍ ପାଇନଆପଲ୍'। ଏହାର ରଙ୍ଗ ଗାଢ଼ ହଳଦୀ ରଙ୍ଗ। ଏହା ବିଶ୍ୱର ସବୁଠୁ ମହଙ୍ଗା ସପୁରି। ଏହି ହେଲିଗନ୍ ସପୁରିର ଗୋଟାପ୍ରତି ଦାମ ଏକ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଥାଏ।

**ଚତୁଷ୍କୋଣୀ ତରଭୁଜ :** ତରଭୁଜ ସାଧାରଣତଃ ଗୋଲାକାର। ମାତ୍ର ଏହା ହେଉଛି ଚାରିକୋଣିଆ ତରଭୁଜ। ଏହାର ଦାମ ଲକ୍ଷେ ଟଙ୍କା ନ ହେଲେ ବି କିଛି କମ୍ ନୁହେଁ। ଜାପାନରେ ଫଳୁଥିବା ଏହି ଫଳଟି ଗୋଟା ପିଛା ୭୦ହଜାର ଟଙ୍କାରେ ବିକ୍ରି ହୋଇଥାଏ।













ବ୍ୟାକ୍ ପେଜ୍







# ବିଷ୍ଣୁଙ୍କ ସର୍ବୋଚ୍ଚ ମୂର୍ତ୍ତି ଇଣ୍ଡୋନେସିଆରେ

ହିନ୍ଦୁ ଧର୍ମରେ ଭଗବାନ ବିଷ୍ଣୁଙ୍କୁ ପାଳନକର୍ତ୍ତାଭାବେ ପୂଜା କରାଯାଏ। ଏଣୁ ଭାରତର ବିଭିନ୍ନ ସ୍ଥାନରେ ତାଙ୍କର ମନ୍ଦିର ଓ ମୂର୍ତ୍ତି ରହିଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ପୃଥିବୀର ସବୁଠାରୁ ଉଚ୍ଚତମ ବିଷ୍ଣୁ ମୂର୍ତ୍ତି ଭାରତରେ ନାହିଁ। ଏହା ଅଛି ମୁସ୍‌ଲିମ୍ ଦେଶ ଇଣ୍ଡୋନେସିଆରେ। ଏହା ଏତେ ବିଶାଳ ଓ ଏତେ ଉଚ୍ଚତା ବିଶିଷ୍ଟ ଯେ, ସମସ୍ତେ ଦେଖି ଚକିତ ହୋଇଯାଆନ୍ତି। ମୂର୍ତ୍ତିଟିର ଉଚ୍ଚତା ୪୦୦ ଫୁଟ୍, ଓସାର ୨୧୭ ଫୁଟ । ଏହାକୁ ତମ୍ବା ଓ ପିତଳରେ କରାଯାଇଛି। ଆଉ ଏହି ମୂର୍ତ୍ତିର ନିର୍ମାଣ ସରିବାକୁ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। କୁହାଯାଏ ୧୯୭୯ରେ ଇଣ୍ଡୋନେସିଆର ମୂର୍ତ୍ତିକାର ବପ୍ପା ନ୍ୟୁମନ୍ ନୁଆର୍ତ୍ତା ସବୁଠାରୁ ବିଶାଳ ମୂର୍ତ୍ତି କରିବା ପାଇଁ ସ୍ୱପ୍ନ ଦେଖିଥିଲେ। ଏହାକୁ ସାକାର କରିବା ପାଇଁ ଏକ କମ୍ପାନୀ ବି କରାଯାଇଥିଲା। ତେବେ ଏଥିପାଇଁ କେତେ ଖର୍ଚ୍ଚ ହେବ ଓ କେଉଁଠୁ ଟଙ୍କା ଆସିବ ସେ ନେଇ ବିଚାର କରୁ କରୁ ଅନେକ ସମୟ ଲାଗିଗଲା। ଶେଷରେ ୧୯୯୩ରେ ମୂର୍ତ୍ତି ନିର୍ମାଣ ଆରମ୍ଭ ହେଲା। ଏଥିରେ ଇଣ୍ଡୋନେସିଆର ବିଭିନ୍ନ ସରକାର ସହଯୋଗ କଲେ। ଅନେକଥର ବଜେଟ ଅଭାବରୁ ଅର୍ଥାତ୍ ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ କାମ ଅଟକି ମଧ୍ୟ ଥିଲା। ପରେ ପୁଣିଥରେ କାମ ଆରମ୍ଭ ହେଲା। ଆଉ ତାହା ଅବିରତ ଚାଲୁ ରହି ୨୦୧୮, ଜୁଲାଇ ୩୧ରେ ନିର୍ମାଣ ସରିଲା। ବାଲୀ ଦ୍ୱୀପର ଉଙ୍ଗାସନରେ ଥିବା ଏହି ବିଶାଳ ମୂର୍ତ୍ତିର ମୂର୍ତ୍ତିକାର ବପ୍ପା ନ୍ୟୁମନ୍ ନୁଆର୍ତ୍ତାଙ୍କୁ ଭାରତରେ ସମ୍ମାନିତ ବି କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ଏବେ ଏହି ମୂର୍ତ୍ତି ସାରା ପୃଥିବୀରେ ବିଖ୍ୟାତ।

## କାର୍ଟୁନ କର୍ନର

